# ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ,ଭଟଲି

**ବିଜ୍ଞାପନ ସଂଖ୍ୟା** PMP **/ତାରିଖ** ୨୧.୦୨.୨୦୨୫

ଏତଦଦ୍ୱାରା ଭଟଲି ପଞ୍ଚାୟତ ସମିତି ଅଧିନସ୍ଥ ନିମ୍ନ ଅଙ୍ଗନୱାଡି କେନ୍ଦ୍ରାଞ୍ଚଳର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନ ଅଙ୍ଗନୱାଡି କେନ୍ଦ୍ରର ଖାଲିଥିବା ଅଙ୍ଗନୱାଡି ସହାୟିକା ପଦବୀ ପୂରଣ ନିମନ୍ତେ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରାଞ୍ଚଳର ଇଚ୍ଛୁକ ମହିଳା ପ୍ରାର୍ଥିନୀ ମାନଙ୍କଠାରୁ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ଦ୍ୱାରା ପ୍ରଦତ୍ତ ନୂତନ ନିର୍ଦ୍ଦେଶାବଳୀ ୨୦୨୩, ପତ୍ର ସଂଖ୍ୟା-**WCD-ICDS-G-MISC-0033-2022/4970/WCD, Dated:-15.03.2023,** ଅନୁସାରେ ତା ୨୨.୦୨.୨୦୨୫ ରିଖ ଠାରୁ ମହିଳା ପ୍ରାର୍ଥିନୀ ମାନଙ୍କଠାରୁ ଅନଲାଇନ ***(ONLINE)*** ମାଧ୍ୟମରେ ନିମ୍ନୋକ୍ତ ୱେବସାଇଟ ***(WEBSITE)*** ରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଉକ୍ତ ପଦବୀ ନିମନ୍ତେ ଆବେଦନର ଶେଷ ତା:- **୦୮.୦୩.୨୦୨୫** ରିଖ ପର୍ଯ୍ୟନ୍ତ ଅଟେ । ଦରଖାସ୍ତ ଗ୍ରହଣର ନିର୍ଦ୍ଧାରିତ ତାରିଖ ବାହାରେ କୌଣସି ପ୍ରାର୍ଥିନୀଙ୍କ ଆବେଦନ ଗ୍ରହଣ ଯୋଗ୍ୟ ନୁହେଁ । ତେଣୁ ସମ୍ପୃକ୍ତ କେନ୍ଦ୍ରାଞ୍ଚଳର ଇଚ୍ଛୁକ ପ୍ରାର୍ଥିନୀମାନଙ୍କୁ ଅନୁରୋଧ ଯେ, ସେମାନେ ଧାର୍ଯ୍ୟ ତାରିଖ ମଧ୍ୟରେ ***କେବଳ ଅନଲାଇନ (ONLINE) ମାଧ୍ୟମରେ ଦରଖାସ୍ତ ଆବେଦନ କରନ୍ତୁ*** ।

ନିମ୍ନରେ ସମ୍ପୂର୍ଣ୍ଣ ବିବରଣୀ ଦିଆଗଲା ।

| କ୍ରମିକ ନଂ | ଗ୍ରାମ ପଞ୍ଚାୟତର ନାମ | ସହାୟିକା ପଦବୀ ଖାଲିଥିବା ଅଙ୍ଗନବାଡି କେନ୍ଦ୍ରର ନାମ | ସେବା ପରିସର ଅଞ୍ଚଳ |
|---|---|---|---|
| ୧. | ମୁଲବାର | ରୁନିପାଲି | ଘର ନଂ-୦୦୧ ଭଦ୍ର ପଟେଲ ଠାରୁ ଘର ନଂ-୧୩୫ ବୃନ୍ଦାବନ ମେହେର ପର୍ଯ୍ୟନ୍ତ । |
| ୨. | କେଲେଣ୍ଡାପାଲି | କେନ୍ଦୁଗୁଡିଆ-କ | ଘର ନଂ-୦୦୧ ଭଗବାନ ଭୁଏ ଠାରୁ ଘର ନଂ-୧୩୧ ସୁରେନ୍ଦ୍ର ରାଉତ ପର୍ଯ୍ୟନ୍ତ । |
| ୩. | କେଶାଇପାଲି | କେଶାଇପାଲି-କ | ଘର ନଂ-୦୦୧ ଶମ୍ଭୁନାଥ ସାହୁ ଠାରୁ ଘର ନଂ-୧୧୪ ଭକ୍ତ ଚରଣ ମେହେର ପର୍ଯ୍ୟନ୍ତ । |

ଶିଶୁବିକାଶ ପ୍ରକଳ୍ପ ଅଧିକାରୀ,
ଭଟଲି

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଭଟଲି

<u>ଯୋଗ୍ୟତା:-</u>

(୧) ପ୍ରାର୍ଥିନୀ ଜଣେ ମହିଳା ହୋଇଥିବେ। ପ୍ରାର୍ଥିନୀ ଦରଖାସ୍ତ ଆହ୍ୱାନ କରାଯାଇଥିବା କେନ୍ଦ୍ର ସେବା ପରିସର ଅଞ୍ଚଳର ବାସିନ୍ଦା ହୋଇଥିବେ ଓ ସେ ଅଙ୍ଗନବାଡି କର୍ମୀଙ୍କ ଦ୍ୱାରା ଗ୍ରହଣୀୟ ହୋଇଥିବେ ।

(୨) ପ୍ରାର୍ଥିନୀଙ୍କ ବୟସ ଚଳିତ ବର୍ଷର ପ୍ରଥମ ଦିବସ (୦୧.୦୧.୨୦୨୫) ସୁଦ୍ଧା ୧୮ ବର୍ଷରୁ କମ ଓ ୩୫ ବର୍ଷରୁ ଅଧିକ ହୋଇନଥିବା ଦରକାର ।

(୩) ପ୍ରାର୍ଥିନୀଙ୍କର ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ **ଯୁକ୍ତ ଦୁଇ** **+2 (12th Standard)** ହୋଇଥିବ । ପରିକ୍ଷାରେ ଉତ୍ତୀର୍ଣ୍ଣ ହୋଇନଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

(୪) ପ୍ରାର୍ଥିନୀ ଓଡ଼ିଆ ଭାଷାର ଜ୍ଞାନ ଥିବ ଅର୍ଥାତ ଓଡ଼ିଆରେ ସ୍ୱଷ୍ଟ ଭାବରେ ଲେଖି ଓ ପଢି ଜାଣିଥିବା ବାଧ୍ୟତାମୂଳକ ଅଟେ ।

***<u>ଅଙ୍ଗନୱାଡି ସହାୟିକା ପଦବୀ ପାଇଁ ଆବଶ୍ୟକ ପ୍ରମାଣପତ୍ର</u>***

୧. ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (Resident)
୨. ଜାତିଗତ ପ୍ରମାଣପତ୍ର (Caste)
୩. ଶିକ୍ଷ୍ୟାଗତ ଯୋଗ୍ୟତା ପ୍ରମାଣପତ୍ର
୪. ଶିକ୍ଷ୍ୟାଗତ ଯୋଗ୍ୟତା ଥିବା ମାର୍କ ତାଲିକା ***(MARK SHEET)*** ପ୍ରମାଣପତ୍ର
୫. ଉଚ୍ଚଶିକ୍ଷା ଗତ ପ୍ରମାଣପତ୍ର
୬. ଭିନ୍ନକ୍ଷମ / ବିଧବା / ସ୍ୱାମୀ ପରିତ୍ୟକ୍ତା / ଅନାଥ ସମ୍ବନ୍ଧୀୟ ପ୍ରମାଣପତ୍ର
୭. ଜନ୍ମ ତାରିଖ ପ୍ରମାଣପତ୍ର ପାଇଁ ଦଶମ ଶ୍ରେଣୀର ଶିକ୍ଷ୍ୟାଗତ ଯୋଗ୍ୟତା ପ୍ରମାଣପତ୍ର

# <u>ଅନଲାଇନ ଦରଖାସ୍ତ ଆବେଦନ ପାଇଁ ସମ୍ପୂର୍ଣ ବିବରଣୀ</u>

ପଦବୀର ନାମ:- ଅଙ୍ଗନୱାଡି ସହାୟିକା
ଅନଲାଇନ କରିବା ନିମନ୍ତେ ୱେବସାଇଟ :- ***http //engagement-awc.odisha.gov.in***

## <u>ଚୟନ ପ୍ରକ୍ରିୟା</u>

ସରକାରଙ୍କ ନିର୍ଦ୍ଦେଶାବଳି ଅନୁଯାୟୀ ପ୍ରାର୍ଥୀନୀଙ୍କ ଶିକ୍ଷାଗତ ଯୋଗ୍ୟତା ଏବଂ ଅତିରିକ୍ତ ଯୋଗ୍ୟତା ସମ୍ବନ୍ଧୀତ ପ୍ରମାଣ ପତ୍ର ଆଧାରରେ ସମୁଦାୟ ପ୍ରାପ୍ତାଙ୍କ ମୂଲ୍ୟାୟନ କରାଯାଇ ସର୍ବୋଚ୍ଚ ପ୍ରାପ୍ତାଙ୍କ ଧାରୀଙ୍କର ଦରଖାସ୍ତ ସମ୍ପୃକ୍ତ କର୍ମୀ ଚୟନ ନିମନ୍ତେ ବିଚାରକୁ ନିଆଯିବ ।

<u>ବିଶେଷ ଦ୍ରଷ୍ଟବ୍ୟ</u>

(୧) ***ଅନଲାଇନ ଆବେଦନ କରିବା ସମୟରେ ଉପରୋକ୍ତ ସମସ୍ତ ଅବଶ୍ୟକୀୟ ପ୍ରମାଣ ପତ୍ରର SCAN COPY ନିଶ୍ଚିତ ଭାବରେ UPLOAD କରିବେ ।***

(୨) ଅସମ୍ପୂର୍ଣ /ଅପ୍ରାସଙ୍ଗିକ ତଥ୍ୟ ଥିବା ଦରଖାସ୍ତ ନାକଚ କରିଦିଆଯିବ । ଦରଖାସ୍ତ ଗ୍ରହଣର ନିର୍ଧାରିତ ତାରିଖ (**୦୮.୦୩.୨୦୨୬**) ବାହାରେ କୌଣସି ପ୍ରାର୍ଥିନୀଙ୍କ ଆବେଦନ ଗ୍ରହଣ ଯୋଗ୍ୟ ନୁହେଁ ।

(୩) ତା- **୦୯.୦୩.୨୦୨୬** ରିଖ ପୂର୍ବାହ୍ନ ୧୦.୦୦ ଘଣ୍ଟା ସମୟରେ ସମସ୍ତ ଆବେଦନକାରୀଙ୍କ ସାର୍ଟିଫିକେଟ ଯାଞ୍ଚ ନିମନ୍ତେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରି ଭଟଲିଙ୍କ କାର୍ଯ୍ୟାଳୟରେ ସମସ୍ତ ମୂଳ ପ୍ରମାଣ ପତ୍ର ସହ ଉପସ୍ଥିତ ରହିବେ ।

(୪) ବିନା କୌଣସି କାରଣରେ ଏହି ବିଜ୍ଞାପନ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଛି ।

(୫) ଅନାଥ/ବିଧବା/ପୃଥକ ବାସ/ପରିତ୍ୟକ୍ତା ପ୍ରାର୍ଥିନୀ ମାନଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ମାର୍କ ଦିଆଯାଇ ଅଗ୍ରାଧିକାର ଭିତ୍ତିରେ ଚୟନ କରାଯିବ ।

(୬) ଏହି ନିଯୁକ୍ତିରେ ଓଡିଶା ସରକାରଙ୍କ ଓ.ଆର.ଭି ଆଇନ ଲାଗୁ ହେବନାହିଁ । କିନ୍ତୁ ଯେଉଁ ଗ୍ରାମ ଅନୁସୁଚିତ ଜନଜାତି, ଅନୁସୁଚିତ ଜାତି ଏବଂ ପଛୁଆବର୍ଗ ଅଧିକ ଜନସଂଖ୍ୟା ର ହୋଇଥିବ ସେହିଠାରେ ଉପରୋକ୍ତ ଗୋଷ୍ଠୀ ର ମହିଳା ବଛାଯାଇପାରେ ।

(୭) ଏହି ନିଯୁକ୍ତି ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ତଥା ଅବୈତନିକ ଅଟେ । ଭବିଷ୍ୟତରେ ପ୍ରାର୍ଥିନୀ କୌଣସି ମତେ ଏହାର ସ୍ଥାୟୀତ୍ୱ ତଥା ନିର୍ଦ୍ଦିଷ୍ଟ ବେତନ ଉପରେ ଦାବୀ କରିପାରିବେ ନାହିଁ ।

(୮) ପ୍ରାର୍ଥିନୀ ନିଶ୍ଚିତ ଭାବରେ ରୋଷେଇ ଜାଣିଥିବେ ଓ ଅଙ୍ଗନବାଡି କେନ୍ଦ୍ରର ଶିଶୁଙ୍କୁ ରନ୍ଧନ ଖାଦ୍ୟ ପରିବେଷଣ ପାଇଁ ଆଗ୍ରହୀ ଥିବା ସଙ୍ଗେ ସଙ୍ଗେ ସେ ଅଙ୍ଗନବାଡି କେନ୍ଦ୍ରର ଦୈନନ୍ଦିନ କାର୍ଯ୍ୟକ୍ରମ ଉପରେ ଅଙ୍ଗନବାଡି କର୍ମୀଙ୍କୁ ସାହାଯ୍ୟ କରିବାପାଇଁ ଆଗ୍ରହୀଥିବା ଦରକାର ।

(୯) ନିଯୁକ୍ତି ପରେ ପ୍ରାର୍ଥିନୀ ନିର୍ଦ୍ଦେଶିତ ତାଲିମ ନେବାପାଇଁ ବାଧ ଅଟନ୍ତି ।

୨୫.୦୨.୨୦୨୬

ଶିଶୁବିକାଶ ପ୍ରକଳ୍ପ ଅଧିକାରୀ,
ଭଟଲି

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଭଟଲି